# NATIONAL NEWS BULLETIN (ODIA)

## 31 August 2026

### Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ଜାତୀୟ ଫ୍ୟାଶନ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ 'ନିଫ୍ଟ'ର ଆଜସ ସମାବର୍ତ୍ତନ ସମାରୋହରେ ଯୋଗଦେବେ ରାଷ୍ଟ୍ରପତି
- ୨୬ତମ ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀରେ ଯୋଗଦେବା ଲାଗି କିରିଗିଜସ୍ତାନରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ
- ଜି-୨୦ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଜି ଯୋଗଦେବେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ
- ନେପାଳରେ ବନ୍ୟା ପରେ ନିଖୋଜ ଲୋକଙ୍କୁ ଉଦ୍ଧାର କରିବା ଲାଗି ପ୍ରୟାସ ଜାରି

ଏବଂ

- ଟି-୨୦ ଏସିଆ କପ୍ ମହିଳା କ୍ରିକେଟ୍‌ରେ ଥାଇଲ୍ୟାଣ୍ଡକୁ ୯୪ ରନ୍‌ରେ ପରାସ୍ତ କରି ଭାରତ ବିଜୟୀ

## ପ୍ରେସିଡେଣ୍ଟ - ନିଫ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଫ୍ୟାଶନ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ-ନିଫ୍ଟ'ର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ । ଏହି ଉତ୍ସବରେ ସମଗ୍ର ଦେଶର ୧୮ଟି ନିଫ୍ଟ କ୍ୟାମ୍ପସ୍ରେ ସ୍ନାତକ ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରାଯିବ ।

# ପିଏମ୍-କିରଗିଜିସ୍ତାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିର୍ଗିଜସ୍ତାନକୁ ଦୁଇ ଦିନିଆ ଗସ୍ତରେ ଯାଇ ଗତକାଲି ବିଶକେକରେ ପହଞ୍ଚିଛନ୍ତି। ଶ୍ରୀ ମୋଦି ଆଜି ଏବଂ ଆସନ୍ତାକାଲି କିର୍ଗିଜସ୍ତାନରେ ଅନୁଷ୍ଠିତ ହେଉଥିବା ୨୬ତମ ସାଂଘାଇ ସହଯୋଗ ସଂଗଠନ  ଶିଖର ସମ୍ମିଳନୀରେ ଯୋଗଦେବେ। ପ୍ରଧାନମନ୍ତ୍ରୀ ମୋଦି ଆସନ୍ତାକାଲି ରାଷ୍ଟ୍ରମୁଖ୍ୟ ଅଧିବେଶନରେ ମଧ୍ୟ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।  ଗତକାଲି ପ୍ରଧାନମନ୍ତ୍ରୀ ମୋଦୀ ବିସ୍କେକ୍ରେ ପହଞ୍ଚିବା ପରେ ତାଙ୍କୁ ବିମାନବନ୍ଦରରେ ସ୍ୱାଗତ କରାଯାଇଥିଲା। ତାଙ୍କୁ ସ୍ୱାଗତ କରିବା ପାଇଁ ଏକ ପାରମ୍ପରିକ କିର୍ଗିଜସ୍ତାନ ନୃତ୍ୟ ପ୍ରଦର୍ଶନ ମଧ୍ଯ ଆୟୋଜନ କରାଯାଇଥିଲା। ୨୬ତମ ଏସ୍‌ସିଓ ଶିଖର ସମ୍ମିଳନୀ ପାଇଁ ରାଷ୍ଟ୍ରପତି ସାଦିର ଝାପାରୋଭଙ୍କ ନିମନ୍ତ୍ରଣରେ ଶ୍ରୀ ମୋଦି କିର୍ଗିଜସ୍ତାନ ଗସ୍ତ

କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଶିଖର ସମ୍ମିଳନୀ ଅବସରରେ ଅନେକ ଏସ୍‌ସିଓ ନେତାଙ୍କୁ ସାକ୍ଷାତ କରିବାର ସମ୍ଭାବନା ରହିଛି ।

ଗତ ଶନିବାର ଦିନ ପ୍ରସ୍ଥାନ ବିବୃତ୍ତିରେ, ଶ୍ରୀ ମୋଦି କହିଥିଲେ ଯେ ସେ 'ସୁରକ୍ଷା, ସଂଯୋଗୀକରଣ ଏବଂ ସୁଯୋଗ' ଉପରେ ଆଧାରିତ ଏହି କ୍ଷେତ୍ର ପାଇଁ ଭାରତର ଦୃଷ୍ଟିକୋଣକୁ ଆଗକୁ ନେବା ଲାଗି ଆଶାବାଦୀ ଅଛନ୍ତି । ସେ ଏହା ମଧ୍ୟ କହିଥିଲେ ଯେ ଭାରତ 'ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ଉଗ୍ରବାଦ' ମୁକ୍ତ କ୍ଷେତ୍ର ପାଇଁ ଏସ୍‌ସିଓ ସଦସ୍ୟମାନଙ୍କ ସହିତ କାମ କରିବ। ଶ୍ରୀ ମୋଦି ଷଷ୍ଠ ବିଶ୍ୱ ନୋମାଡ୍ ଗେମ୍ସର ଉଦଘାଟନୀ ଉତ୍ସବରେ ମଧ୍ୟ ଯୋଗଦେବେ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଗସ୍ତ ଏସୀୟ ଦେଶମାନଙ୍କ ମଧ୍ୟରେ ଭାରତର ରଣନୈତିକ ସହଭାଗୀତାକୁ ସୁଦୃଢ଼ କରିବ ।

# ପିଏମ୍-ଉଜ୍‌ବେକିସ୍ତାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଉଜ୍‌ବେକିସ୍ତାନ ରାଷ୍ଟ୍ରପତି ଶାଭକତ ମିର୍ଜିୟୋୟେଭଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଦୃଢ଼ କରିବା ପାଇଁ ଆଲୋଚନା କରିଛନ୍ତି । ଏଥିସହିତ ଶ୍ରୀ ମୋଦୀଙ୍କ ଦୁଇଦିନିଆ ଉଜବେକିସ୍ତାନର ତାସକେଣ୍ଟ ଶେଷ ହୋଇଛି । ଉଭୟ ନେତା ଭାରତ-

ଉଜବେକିସ୍ତାନ ସମ୍ପର୍କକୁ ଏକ ବ୍ୟାପକ ରଣନୈତିକ ସହଭାଗୀତାରେ ପରିଣତ କରିବାକୁ ସହମତ ହୋଇଛନ୍ତି।

ଗସ୍ତ ସମୟରେ ଉଭୟ ଦେଶ ମଧ୍ୟରେ ୧୧ଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ସେଥିମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ୟୁରାନିୟମ, ବାଣିଜ୍ୟ, ପ୍ରତିରକ୍ଷା, ଡିଜିଟାଲ ପେମେଣ୍ଟ ଏବଂ ଶିକ୍ଷା, କ୍ରୀଡ଼ା ଓ ଐତିହ୍ୟ ଭଳି ପ୍ରସଙ୍ଗ ରହିଛି । ଏହି ଦୁଇ ଦିନିଆ ଗସ୍ତ ଭାରତ-ଉଜବେକିସ୍ତାନ ସମ୍ପର୍କକୁ ଏକ ନୂତନ ଢ଼ାଞ୍ଚା ପ୍ରଦାନ କରିଛି । ଦୁଇଦେଶ ମଧ୍ୟରେ ପାଞ୍ଚ ବିଲିୟନ ଡଲାରର ବାଣିଜ୍ୟ ଲକ୍ଷ୍ୟ, ଦୀର୍ଘକାଳୀନ ଶକ୍ତି ସହଯୋଗ ଏବଂ ଆଞ୍ଚଳିକ ସ୍ତରରେ ବ୍ୟାପକ ରଣନୈତିକ ସହଭାଗୀତା ବୃଦ୍ଧି ଓ  ଏସୀୟ କ୍ଷେତ୍ର ସହିତ ଭାରତର ସମ୍ପର୍କକୁ ନୂତନ ଗତି ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଗସ୍ତ କାଳରେ ରାଷ୍ଟ୍ରପତି ଶାଭକତ ମିର୍ଜିୟୋୟେଭ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉଜବେକିସ୍ତାନର ସର୍ବୋଚ୍ଚ ସମ୍ମାନ 'ଅର୍ଡର ଅଫ୍ ଓଲି ଦାରାଜଲି ଦୋ'ଷ୍ଟଲିକ୍' ପ୍ରଦାନ କରିଛନ୍ତି।

## ସୀତାରମଣ-ସାଉଥ କାରୋଲିନା

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦକ୍ଷିଣ କାରୋଲିନାରେ ପହଞ୍ଚିଛନ୍ତି। ସେ ଆଜି ଓ ଆସନ୍ତାକାଲି ଆସେଭିଲରେ ଜି-୨୦  ସମେତ ଅନ୍ୟ କେତେକ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ, ଶ୍ରୀମତୀ ସୀତାରମଣ ଭାରତର କନସୁଲେଟ୍ ଜେନେରାଲଙ୍କ

କାର୍ଯ୍ୟାଳୟରେ ଚିକାଗୋ ସ୍ଥିତ ଭାରତୀୟ ପ୍ରବାସୀଙ୍କୁ ସମ୍ବୋଧିତ କରିଥିଲେ। ସେ କହିଥିଲେ, କେନ୍ଦ୍ର ସରକାର ଆର୍ଥିକ ଏକତ୍ରୀକରଣ ଲକ୍ଷ୍ୟ ପୂରଣ ଲାଗି କାର୍ଯ୍ୟ କରୁଛନ୍ତି । ଶ୍ରୀମତୀ ସୀତାରମଣ କୃଷି, ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା ଏବଂ ଅନ୍ୟାନ୍ୟ କ୍ଷେତ୍ରର ପ୍ରମୁଖ ଆମେରିକୀୟ ବ୍ୟବସାୟୀକ ନେତୃତ୍ୱଙ୍କ ସହ ଉଚ୍ଚସ୍ତରୀୟ ବୈଠକ କରିଥିଲେ ।

## ଇଣ୍ଡିଆ-୭% ଗ୍ରୋଥ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ୨୦୨୬-୨୭ ଆର୍ଥିକ ବର୍ଷରେ ୭ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ଆର୍ଥିକ ଅଭିବୃଦ୍ଧି ହାର ବଜାୟ ରଖିବ। ତାଙ୍କର ଆମେରିକା ଗସ୍ତ ସମୟରେ ଚିକାଗୋରେ ଥିବା ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରି ସେ କହିଥିଲେ ଯେ ଆମେରିକା-ଇରାନ ବିବାଦ ଏବଂ ହରମୁଜ୍ ପ୍ରଣାଳୀ ବନ୍ଦ ହେବା ପରେ ଭୂରାଜନୈତିକ ଅନିଶ୍ଚିତତା ଏବଂ ଯୋଗାଣ ଶୃଙ୍ଖଳ ବାଧା ସତ୍ତ୍ୱେ ଭାରତ ଏହାର ଅଭିବୃଦ୍ଧି ଗତି ବଜାୟ ରଖିବ। ସେ କହିଛନ୍ତି ଆନ୍ତର୍ଜାତୀୟ ମୂଲ୍ୟରେ ତୀବ୍ର ବୃଦ୍ଧି ସତ୍ତ୍ୱେ ସରକାର ସବସିଡି ମାଧ୍ୟମରେ ସାର ମୂଲ୍ୟକୁ ଅପରିବର୍ତ୍ତିତ ରଖିଛନ୍ତି।

## ନେପାଳ ଫ୍ଲଡ୍

ନେପାଳରେ ପ୍ରଳୟଙ୍କରୀ ବନ୍ୟା ପରେ ତ୍ରିଶୁଳି-୩ଏ ଜଳବିଦ୍ୟୁତ ପ୍ରକଳ୍ପ ଟନେଲ ଭିତରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ

ପ୍ରୟାସ ଜାରି ରହିଛି । ଭାରତ ଏବଂ ଚୀନର ବିଶେଷଜ୍ଞଙ୍କ ସମେତ ଉଦ୍ଧାରକାରୀମାନେ  ସୁଡ଼ଙ୍ଗ ଭିତରେ ଥିବା ଲୋକମାନଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ  ଏପର୍ଯ୍ୟନ୍ତ ସୁଡଙ୍ଗ ଭିତରୁ କୌଣସି ପ୍ରତିକ୍ରିୟା ମିଳିନାହିଁ । ନିଖୋଜ ଥିବା ୨୫୦୦ ଲୋକଙ୍କ ମଧ୍ୟରୁ ଅଧିକାଂଶ  ନେପାଳର ଜଳବିଦ୍ୟୁତ ପ୍ରକଳ୍ପର କର୍ମଚାରୀ ବୋଲି ଅନୁମାନ କରାଯାଉଛି। ଗତ ବୁଧବାର ନେପାଳରେ ହୋଇଥିବା ବନ୍ୟାରେ ୭୯୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୫୦୦ ରୁ ଅଧିକ ଲୋକ ନିଖୋଜ ଅଛନ୍ତି। ତିବ୍ବତରେ, ସରକାରୀ ଭାବେ ମୃତ୍ୟୁ ସଂଖ୍ୟା ୧୬ ଥିବା ବେଳେ ୫୪୬ ଜଣ ନିଖୋଜ ଥିବା କୁହାଯାଇଛି ।

ନିଖୋଜ ଲୋକଙ୍କୁ ଖୋଜିବା ଏବଂ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାରକାରୀମାନେ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି । ନେପାଳର ସମସ୍ତ ଆଠଟି ପ୍ରଭାବିତ ଜିଲ୍ଲାରୁ ମୃତଦେହ ଉଦ୍ଧାର କରାଯାଇଛି। ତ୍ରିଶୁଳି ନଦୀରେ ପୁଣି ବନ୍ୟା ଯୋଗୁଁ କେନ୍ଦ୍ରୀୟ ନେପାଳରେ ଏକ ଝୁଲା ପୋଲ ଭାସି ଯାଇଛି।  ପ୍ରାୟ ତିନି ଘଣ୍ଟା ଧରି ଚାଲିଥିବା ବନ୍ୟା ସକାଳ ପ୍ରାୟ ୧୧.୩୦ ସମୟରେ ପୋଲଟିକୁ ଭସାଇ ନେଇଥିଲା।  ଏହା ପୂର୍ବରୁ, ଅଗଷ୍ଟ ୨୬ ତାରିଖରେ ଆସିଥିବା ଭୟଙ୍କର ବନ୍ୟା କାଠମାଣ୍ଡୁରୁ ଅଳ୍ପ ଦୂରରେ ଧାଓ୍ୱାଡିଘାଟରେ ଏକ ପୋଲକୁ ମଧ୍ୟ ଭସାଇ ନେଇଥିଲା।

ଅନ୍ୟପକ୍ଷରେ ଭାରତରୁ ପଠାଯାଇଥିବା ଏକ ସ୍ୱତନ୍ତ୍ର ସୁଡ଼ଙ୍ଗ ଉଦ୍ଧାରକାରୀ ଦଳ ଚିଲିମେ ଏବଂ ଲାଙ୍ଗଟାଙ୍ଗ ଅଞ୍ଚଳର ଜଳବିଦ୍ୟୁତ ସୁଡ଼ଙ୍ଗ ସ୍ଥାନରେ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ନେପାଳୀ ସେନା ସହିତ କାର୍ଯ୍ୟ କରୁଛି। ନେପାଳରେ  ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ନବୀନ ଶ୍ରୀବାସ୍ତବ କହିଛନ୍ତି  ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ଭାରତୀୟ ଉଦ୍ଧାରକାରୀମାନେ ନେପାଳୀ ସେନା ସହିତ ସମନ୍ୱୟରେ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି ।

# ୟୁଏସ୍-ଇରାନ ହର୍ମୁଜ

ଆମେରିକାର ସେନା ହର୍ମୁଜ୍ ପ୍ରଣାଳୀରେ ଇରାନୀ ରକେଟ୍ ଲଞ୍ଚର୍ ଉପରେ ଆକ୍ରମଣ କରିଛି। ଇରାନର ସମ୍ବାଦ  ସଂସ୍ଥାଗୁଡ଼ିକ ହର୍ମୁଜ୍ ପ୍ରଣାଳୀର ଲାରାକ୍ ଦ୍ୱୀପ ନିକଟରେ ବିସ୍ଫୋରଣ ହୋଇଥିବା ସୂଚନା ଦେଇଛନ୍ତି । ଇରାନର ରିଭୋଲ୍ୟୁସନାରୀ ଗାର୍ଡସ୍ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ,  ଲାରାକ୍ ଦ୍ୱୀପରେ ଆମେରିକାର ଆକ୍ରମଣରେ ଅନେକ ଇରାନୀ ନାଗରିକ ପ୍ରାଣ ହରାଇଛନ୍ତି ।

# ଛତିଶଗଡ଼-ନକ୍ସଲ

ସୁରକ୍ଷା ବାହିନୀ ପକ୍ଷରୁ ଛତିଶଗଡ଼ର ବେଲପୋଚା-ଗୋମପାଦ ଜଙ୍ଗଲ ଅଞ୍ଚଳରେ ଏକ ନକ୍ସଲ ଡମ୍ପକୁ ନଷ୍ଟ କରିବା ଏବଂ ବହୁ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ଆତ୍ମସମର୍ପଣ କରିଥିବା ନକ୍ସଲ

କ୍ୟାଡରମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଆଧାରରେ ସୁକମା ଜିଲ୍ଲା ଫୋର୍ସ, ଜିଲ୍ଲା ରିଜର୍ଭ ଗାର୍ଡ ଏବଂ ବସ୍ତର ଫାଇଟର୍ସ ଦ୍ୱାରା ମିଳିତ ଅଭିଯାନରେ ଏହି ସଫଳତା ମିଳିଛି। ତଲାସୀ ଅଭିଯାନ ସମୟରେ, ସୁରକ୍ଷା କର୍ମୀମାନେ ୮ କିଲୋଗ୍ରାମ IED ଜବତ କରିଛନ୍ତି, ଯେଉଁଥିରେ ଦୁଇଟି ଟିଫିନ୍ ବୋମା, ୧୦ଟି ଡେଟୋନେଟର ଓ ୧୭ଟି ଜିଲେଟିନ୍ ଷ୍ଟିକ୍ ରହିଛି ।

## ଆଇସିସି କ୍ରିକେଟ୍

ଶ୍ରୀଲଙ୍କା କ୍ରିକେଟ ପ୍ରଶାସନରେ ସରକାରୀ ହସ୍ତକ୍ଷେପ ଯୋଗୁଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ-ଆଇସିସି ଶ୍ରୀଲଙ୍କାଠାରୁ ୨୦୨୭ରେ ଅନୁଷ୍ଠିତ ହେବାକୁ ଥିବା ମହିଳା ଚାମ୍ପିଅନ୍ସ ଟ୍ରଫିର ଆୟୋଜନ ଅଧିକାର ପ୍ରତ୍ୟାହାର କରିଛି । ରିପୋର୍ଟ ଅନୁଯାୟୀ, ଶ୍ରୀଲଙ୍କା ପ୍ରଥମ ଥର ପାଇଁ ମହିଳା ଟୁର୍ଣ୍ଣାମେଣ୍ଟର ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଥିଲା ଏବଂ ଏଥିରେ ଆୟୋଜକ ଦେଶ ସମେତ ଛଅଟି ଦଳ ସାମିଲ ଥିଲେ। ରିପୋର୍ଟ ଅନୁଯାୟୀ, ICC ଏହାର ପରବର୍ତ୍ତୀ ବୋର୍ଡ ବୈଠକରେ ପ୍ରତିଯୋଗିତାର ସ୍ଥାନ ପରିବର୍ତ୍ତନ ନେଇ ନିଷ୍ପତ୍ତି ନେବାର ସମ୍ଭାବନା ରହିଛି । ସ୍ଥାନ ପରିବର୍ତ୍ତନ ଦ୍ୱାରା ଶ୍ରୀଲଙ୍କା ମହିଳା ଦଳ ମଧ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହେବାର ସମ୍ଭାବନା ରହିଛି ।

# ୱିମେନ୍ କ୍ରିକେଟ୍

ଟି-୨୦ ଏସିଆ କପ୍ ମହିଳା କ୍ରିକେଟରେ ଭାରତ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଥାଇଲ୍ୟାଣ୍ଡକୁ ୯୪ ରନରେ ପରାସ୍ତ କରିଛି । ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୫୯ ରନ କରିଥିଲା । ଏହାର ଜବାବରେ ଥାଇଲ୍ୟାଣ୍ଡ ୧୫ ଓଭର୍ ୩ ଓଭରରେ ୬୫ ରନରେ ସମସ୍ତ ୱିକେଟ୍ ହରାଇଥିଲା। ଶେଫାଳି ବର୍ମା ୬୪ ରନ ସ୍କୋର୍ କରିଥିଲେ । ତାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

ଆଜି, ଦୁବାଇରେ ଗ୍ରୁପ୍-ଇ ମ୍ୟାଚରେ ବାଂଲାଦେଶ ଓ ଇଣ୍ଡୋନେସିଆ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ରାତି ୮ଟାରେ ମ୍ୟାଚ୍ ଖେଳାଯିବ ।

# ଫୁଟ୍‌ବଲ୍

ଏଏଫ୍‌ସି ୟୁ-୨୦ ଏସିଆ କପ୍ ଚାଇନା ୨୦୨୬ ଯୋଗ୍ୟତା ପର୍ଯ୍ୟାୟ ନିମନ୍ତେ ଆଜି ଭାରତର ୨୦ ବର୍ଷରୁ କମ୍ ପୁରୁଷ ଜାତୀୟ ଫୁଟ୍‌ବଲ୍ ଦଳ ତାସକେଣ୍ଟର ଡୋଷ୍ଟଲିକ୍ ଷ୍ଟାଡିୟମରେ ସିରିଆ ବିପକ୍ଷରେ ମ୍ୟାଚ୍ ଖେଳିବ । ଆୟୋଜକ ଉଜବେକିସ୍ତାନ ଏବଂ ବାଂଲାଦେଶ ସହିତ ଗ୍ରୁପ୍-ଇ

ରେ  ଭାରତ ୨୦୦୬ ପରେ ପ୍ରଥମ ଥର ପାଇଁ  ଏସୀୟ କପ୍‌କୁ ଫେରିବା ଲକ୍ଷ୍ୟରେ ଯୋଗ୍ୟତା ପର୍ଯ୍ୟାୟରେ ପ୍ରବେଶ କରିଛି ।

## ହକି

ବେଲଜିୟମର ଓ୍ୱାଭ୍ରେସ୍ଥିତ ବେଲଫିୟସ୍ ହକି ଆରେନାରେ ଗତକାଲି ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଜର୍ମାନୀ ୧-୦ ଗୋଲରେ ସ୍ପେନକୁ ପରାସ୍ତ କରି ପୁରୁଷ ହକି ବିଶ୍ୱକପ୍ ଟାଇଟଲ ଜିତିଛି । ଏହା ଜର୍ମାନୀର ଚତୁର୍ଥ ହକି ବିଶ୍ୱକପ୍ ଟାଇଟଲ ।

ଅନ୍ୟପକ୍ଷରେ ଆର୍ଜେଣ୍ଟିନା ୨-୧ ଗୋଲ୍‌ରେ ନେଦରଲ୍ୟାଣ୍ଡ୍‌ସକୁ ପରାସ୍ତ କରି ବ୍ରୋଞ୍ଜ ପଦକ ହାସଲ କରିଛି । ଆର୍ଜେଣ୍ଟିନାର ମହିଳା ଦଳ  ୩-୧ ଗୋଲରେ ନେଦରଲ୍ୟାଣ୍ଡକୁ ପରାସ୍ତ କରି FIH ମହିଳା ହକି ବିଶ୍ୱକପ୍ ଟାଇଟଲ ହାସଲ କରିଛି ।